# Akashvani, Sambalpur

## SAMBALPURI NEWS EVENING BULLETIN

## 17 July 2024- 7.02 pm- 7.12 pm.

*********************************************

୧- ଶ୍ରୀକ୍ଷେତ୍ର ପୁରୀ ନ ଅନୁଷ୍ଠିତ ହେଉଛେ ଶ୍ରୀଜୀଉମାନ୍‌କର୍ ସୁନାବେଶ ।

- ମହାପ୍ରଭୁଙ୍କର୍ ରାଜରାଜେଶ୍ୱର୍ ବେଶ ଦର୍ଶନ୍ ଲାଗି ଲକ୍ଷାଧିକ ଭକ୍ତଙ୍କର୍ ସମାଗମ୍ ।

୨- ଆଏବାକାଏଲ୍ ଫେର୍‌ଘାଏ ଖୁଲାଯିବା ପୁରୀ ଶ୍ରୀମନ୍ଦିର୍‌ର ରତ୍ନଭଣ୍ଡାର୍ ।

୩- ପାରମ୍ପରିକ୍ ରୀତିନୀତିଥି ପାଲନ୍ କରାଯାଉଛେ ମୁସଲ୍‌ମାନ୍ ସମ୍ପ୍ରଦାୟର୍ ମହାନ୍ ପରବ୍ ମହରମ୍ ।

ଆଉର୍

୪- ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଲଘୁଚାପ୍‌ର ବଲେ ଆଏବା କାଏଲ୍ ଜବର୍ ବର୍ଷାର୍ ଅନୁମାନ୍ ।

ସୁନାବେଶ           ଆର୍‌ଏନ୍‌ୟୁ/ କଟକ୍

ଶ୍ରୀକ୍ଷେତ୍ର ପୁରୀ ନ ପବିତ୍ର ଶ୍ରୀହରିଶୟନ ଏକାଦଶୀ ତିଥି ନ ଆଏଜ୍ ରଥ ଉପ୍‌ରେ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ସୁନାବେଶ ଅନୁଷ୍ଠିତ ହେଉଛେ । ସଞ୍ଜ୍‌ବେଲୁ ରାତିର୍ ପାଖାପାଖି ୧୧ ବଜେତକ୍ ପ୍ରଭୁ ଶ୍ରୀ ବଳଭଦ୍ର, ଶ୍ରୀଜଗନ୍ନାଥ ଆର୍ ଦେବୀ ସୁଭଦ୍ରା ଭକ୍ତମାନ୍‌କୁ ସୁନାବେଶଥି ଦର୍ଶନ୍ ଦଉଛନ୍ । ଶ୍ରୀଜୀଉଙ୍କର୍ ଇ ଦୁର୍ଲଭ ରାଜରାଜେଶ୍ୱର ଦର୍ଶନ୍ ଲାଗି ବହୁତ୍‌ଟେ ଭକ୍ତଙ୍କର୍ ସମାଗମ ହେଇଛେ ।

ସକାଲୁ ମହାପ୍ରଭୁଙ୍କର୍ ଗୋପାଳବଲ୍ଲଭ ଭୋଗ ଆର୍ ସକାଳଧୂପ ନୀତି କରାଯାଇଥିଲା । ଇତାର୍‌ଉତ୍‌ରୁ ଫେର୍‌ଘାଏ ଶ୍ରୀଜୀଉଙ୍କର୍ ମଇଲମ, ମହାସ୍ନାନ ଆର୍ ସର୍ବାଙ୍ଗନୀତି ସହେତେ ମଧ୍ୟାହ୍ନ ଧୂପ କରାଯାଇଥିଲା । ସୁନାବେଶର୍ ଲାଗି ଭକ୍ତମାନ୍‌କର୍ ସୁବିଧାକେ ନଜର୍‌ଥି ରଖିକରି ପର୍ଯ୍ୟାପ୍ତ ପିଇବାର୍ ପାଏନ୍ ରଖାଯାଇଥିବାର୍ ବେଲେ ଚିକିତ୍ସକ ମାନେ ସଜାଗ୍ ଅଛନ୍ । ଆଏବାକାଏଲ୍ ଅଧରପଣା ନୀତି ହେବା । ସେନ୍ତା ଶୁକ୍ରବାର୍ ଦିନ ମାହାପୁରୁମାନ୍‌କର୍ ନୀଳାଦ୍ରୀ ବିଜେ ହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ରଥଯାତ୍ରା ସମ୍ବଲପୁର           ସମ୍ବଲପୁର/ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ଆଏଜ୍ ତିନ୍‌ହି ମାହାପୁରୁଙ୍କର୍ ସୁନାବେଶ ଦେଖିବାର୍ ଲାଗି ବହୁତ୍‌ଟେ ଭକ୍ତଙ୍କର୍ ସମାଗମ୍ ହେଇଛେ । ଆଏଜ୍ ରାତିର୍ ୯ ବଜେ ଉତ୍‌ରୁ ଚତୁର୍ଦ୍ଧାମୂର୍ତି ମନ୍ଦିର ମଣ୍ଡପ୍ ବିଜେ କର୍‌ବେ ବଲି ସୂଚ୍‌ନା ଦିଆଯାଇଛେ । ମଣ୍ଡପ୍ ବିଜେ ସରିଆଥି ଭିନ୍ ଭିନ୍ ନୀତି ପାଲନ୍ ଲାଗି ତୟାରି କରାଯାଇଛେ ।

ସମ୍ବଲପୁର୍ ନ ବାହୁଡ଼ା ରଥଯାତ୍ରା ଉତ୍‌ରୁ ମହାପ୍ରଭୁ ମନ୍ଦିର୍ ମାନ୍‌କର୍ ଗମ୍ଭୀରା ବିଜେ ନୀତି ଅନୁଷ୍ଠିତ୍ ହେଉଛେ । ଗମ୍ଭୀରା ବିଜେ ଆଗ୍‌ରୁ ମହାପ୍ରଭୁଙ୍କର୍ ଏକାଦଶୀ ଉଲ୍‌ଗୁନେ ମହାଆଲ୍‌ତୀ କରାଯାଇଥିଲା । ଝାଡୁଆପଡ଼ାର୍ ଶ୍ରୀ ଶ୍ରୀ ବ୍ରହ୍ମପୁରା ରଥ ଉପ୍‌ରେ ସୁନାବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେଉଛନ୍ । ଆଏବା କାଏଲ୍ ଅଧରପଣା ନୀତି ସହେତେ ଚତୁର୍ଦ୍ଧାମୂର୍ତି ମନ୍ଦିର୍ ଗମ୍ଭୀରାକେ ବିଜେ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ସମ୍ବଲ୍‌ପୁର୍ ସହରର୍ ୨୫ ଟା ଜାଗା ସହେତେ ଜିଲ୍ଲା ନ ୨ ଶହ ନୁ ଅଏତ୍‌କା ଜାଗା ନ ବାହୁଡ଼ା ରଥଯାତ୍ରା ହେସି ।

ରତ୍ନଭଣ୍ଡାର୍ ଖୁଲ୍‌ବା ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ନ ମହାପ୍ରଭୁଙ୍କର୍ ଭିତର ରତ୍ନଭଣ୍ଡାର୍ ଫେର୍‌ଘାଏ ଆଏବା କାଏଲ୍ ଖୁଲାଯିବା । ଧାରିଜ୍ ପ୍ରକ୍ରିୟା ଆଧାର୍ ନ ପହେଲା

ରତ୍ନଭଣ୍ଡାର୍ ଖୁଲ୍‌ଲା ଉତ୍‌ରୁ ଭିତର୍ ରତ୍ନଭଣ୍ଡାର୍ ଖୁଲାଯିବା । ସକାଲର୍ ୯ ବାଜିକରି ୧୫ ମିନିଟ୍‌ନୁ ମଏଧାନର୍ ୧୨ ବାଜିକରି ୧୫ ମିନିଟ୍ ଭିତ୍‌ରେ ରତ୍ନଭଣ୍ଡାର୍‌ର ତାଲା ଖୁଲାଯିବା ବଲି ଜନାପଡ଼ିଛେ । ଥିତି ଅନୁଧାନ୍ ଉତ୍‌ରୁ ରତ୍ନଭଣ୍ଡାର୍‌ର ଅଲଙ୍କାର୍ ସ୍ଥାନାନ୍ତର୍ ପ୍ରକ୍ରିୟା ମୁଲ୍ ହେବା ଆଉ ଅଧିକୃତ ବ୍ୟକ୍ତିମାନେ ରତ୍ନଭଣ୍ଡାର୍ ଭିତର୍‌କେ ଯାଇପାର୍‌ବେ ବଲି ଯାଂଚ୍ କମିଟିର୍ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ । ଯାଂଚ୍ କମିଟିଥି ୧୧ ଝନ୍ ରହିଥିବାର୍ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍ ଡକ୍ଟର୍ ଅରବିନ୍ଦ ପାଢ଼ୀ ସୂଚ୍‌ନା ଦେଇଛନ୍ ।

## ଜଙ୍କ୍‌ଫୁଡ୍ ବିକ୍ରି କଟକ୍‌ନା-ଉଚ୍ଚଶିକ୍ଷାନୁଷ୍ଠାନ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ସର୍‌କାରୀ ଆଉ ବେସର୍‌କାରୀ ବିଶ୍ୱବିଦ୍ୟାଳୟ କି ଇତାର୍ ଅଧୀନ୍‌ଥି ଥିବା କଲେଜ୍ ମାନ୍‌କେ ଜଙ୍କ୍‌ଫୁଡ୍ ବିକ୍ରି ଉପ୍‌ରେ ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍- ୟୁଜିସି ତର୍‌ଫୁ କଟ୍‌କନା ଜାରି କରାଯାଇଛେ । ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍‌କର୍ କେମ୍ପସ୍, ହଷ୍ଟେଲ୍, କେଂଟିନ୍ ନ ଜଙ୍କ୍‌ଫୁଡ୍ ଆର୍ କେନ୍‌ସି ପ୍ରକାର୍‌ର ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ନାଇଁ ହେଇପାରେ ।

ଜିଲ୍ଲା ଆଦର୍ଶ-ଜଳାତଙ୍କ କିଡ଼୍‌ନୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶାକେ ଜଳାତଙ୍କ ମୁକ୍ତ କର୍‌ବାର୍ ଲାଗି ସବୁ ଜିଲ୍ଲା ଡାକ୍ତର୍‌ଖାନାମାନ୍‌କେ ଆଦର୍ଶ ଜଳାତଙ୍କ କ୍ଲିନିକ୍ ଖୁଲ୍‌ବାର୍ ଲାଗି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ବ୍ୟବସ୍ଥା କରାଯାଇଛେ । ପହେଲା ଖେପେ ଭୁବ୍‌ନେଶ୍ୱର୍ କେପିଟାଲ୍ ହସ୍ପିଟାଲ୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, କଳାହାଣ୍ଡି ଜିଲ୍ଲା ସହେତେ ୧୫ ଟା ଡାକ୍ତର୍‌ଖାନା ନ ଇ କ୍ଲିନିକ୍ ଖୁଲ୍‌ବା । ୨୦୨୫-୨୬ତକ୍ ବାକି ୧୫ ଟା ଜିଲ୍ଲା ଆଉ ଆଇଜିଏଚ୍ ନ ଇ କ୍ଲିନିକ୍ ଖୁଲ୍‌ବା । ଇତାର୍‌ଛଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଉ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରତକ୍ ଚିକିତ୍ସା ବ୍ୟବସ୍ଥା କରାଯିବା ।

ସ୍ୱାସ୍ଥ୍ୟମନ୍ତ୍ରୀ ବର୍‌ଗଡ୍ ଗସ୍ତ ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲାର୍ ପଦମ୍‌ପୁର୍ ପଂଚାୟତ୍ ସମିତି ସମ୍ମିଳନୀ କକ୍ଷ ଠାନେ ଆଏଜ୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଲୁକ୍‌କୁ ଭେଟ୍‌ବାର୍ ସହେତେ ଅଭିଯୋଗ୍ ଶୁଣାଣି କରିଥିଲେ । ସେ ଆସିଥିବାର୍ ଅଭିଯୋଗ୍ ଶୁଣାଣି କଲା ଉତ୍‌ରୁ ଇ ଅଭିଯୋଗ୍ ମାନ୍‌କର୍ ସମାଧାନ୍ ଲାଗି

ଉପସ୍ଥିତ୍ ଅଧିକାରୀ ମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଆଦିତ୍ୟ ଗୋୟେଲ୍, ଏସ୍.ପି. ପ୍ରହଲ୍ଲାଦ୍ ସହାୟ ମୀନା, ଅତିରିକ୍ତ ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍ ଆର୍ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଜସ୍ୱ ମନ୍ତ୍ରୀ- ବୃକ୍ଷରୋପଣ୍ ସମ୍ବଲପୁର୍ ସମ୍ବାଦଦାତା

ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ଦୁର୍ଗାପାଲି ନ 'ମା'ର୍ ଲାଗି ଗଛ୍ ଗୁଟେ' କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ । ସେ ଗୁଡ଼େଶ୍ୱର୍ ମନ୍ଦିର୍ ରାସ୍ତା ନ ଗଛ୍ ଲଗାବାର୍ ସହେତେ ସାଢ଼େ ୪ କୋଟି ଓଡ଼ିଆ ଯଦି ଗୁଟେ ଗୁଟେ ଗଛ୍ ଲଗାବେ ବେଲେ ଓଡ଼ିଶା ନ ଏକାସଙ୍ଗେ ସାଢ଼େ ୪ କୋଟି ଗଛ୍ ଜଗାଯାଇପାର୍‌ବା ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ । ସେ ଇ ଉଲ୍‌ଗୁନେ କହିଛନ୍ ଯେ, ପ୍ରଭାବଶାଳୀ ଲୁକେ କରିଥିବାର୍ ଜବର୍‌ଦଖଲ୍‌କେ ଉଚ୍ଛେଦ୍ କରାଯିବା । ଜଙ୍ଗଲ୍, ଜମି ଆର୍ ଜଳ ମାଡ଼ିବସିଥିବାର୍ ଉପ୍‌ରେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ହେନ୍ତା ବେଆଇନ୍ ଖାର୍ ଗଦାବାର୍ ଉପ୍‌ରେ ଭିଲ୍ କାର୍ଯ୍ୟାନୁଷ୍ଠାନ୍ ମୁଲ୍ ହେଇଛେ ବଲି ମନ୍ତ୍ରୀ କହିଛନ୍ ।

ମହରମ୍ ସମ୍ବଲପୁର୍ ସମ୍ବାଦଦାତା/ସୁବର୍ଣ୍ଣପୁର୍/ବୌଦ୍ଧ

ମୁସଲ୍‌ମାନ୍ ସମ୍ପ୍ରଦାୟର୍ ମହାନ୍ ପର୍ବ ମହରମ୍ ଆଏଜ୍ ସାରା ଦେଶେ ପାଲନ୍ କରାଯାଉଛେ । ପ୍ରଫେଟ୍ ମହମ୍ମଦ୍‌ଙ୍କର୍ ନାତି ହଜରତ୍ ଇମାମ୍ ହୁସେନ୍‌ଙ୍କର୍ ବଳିଦାନ୍‌କେ ମନେ ପକେଇକରି ଇ ଦିବସ୍ ପାଲନ୍ କରାଯାଉଛେ । ଇଥି ମସ୍‌ଜିଦ୍‌ମାନ୍‌କେ ସାମୂହିକ୍ ନମାଜ୍‌ପାଠ୍ ଭିଲ୍ କରାଯାଇଛେ ।

ସମ୍ବଲ୍‌ପୁର୍ ସହରର୍ ଭିନ୍ ଭିନ୍ ଜାଗା ନ ମୁସଲ୍‌ମାନ୍ ସମ୍ପ୍ରଦାୟ ତର୍‌ଫୁ ଆଏଜ୍ ମହରମ୍ ପର୍ବ ପାଲନ୍ କରାଯାଉଛେ । ସହରର୍ ୯ ଟା ଜାଗା ନ ଲୁକେ ଆଖ୍‌ଡ଼ା କରିକରି ପରବ୍ ପାଲନ୍ କରିଥିଲେ । ଶାନ୍ତିଶୃଙ୍ଖଳା ଲାଗି ସହରେ ୧୬ ଝନ୍ ଅତିରିକ୍ତ ଏସ୍.ପି. ଆର୍ ଡି.ଏସ୍.ପି ଙ୍କର୍ ସହେତେ ୨୫ ପ୍ଲାଟୁନ୍ ପୁଲିସ୍ ବାହିନୀଙ୍କୁ ମୁତୟନ କରାଯାଇଛେ । ହେନ୍ତା କେତେଟା ଜାଗା ନ ସିସିଟିଭି ଆଉ ମଚାନ୍ ଜରିଏ ପୁଲିସ୍ ଅଧିକାରୀମାନେ ଥିତି ଉପ୍‌ରେ ନଜର୍ ରଖିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ସୁବର୍ଣ୍ଣପୁର୍ ସହେତେ ତର୍‌ଭା, ବାଲ୍‌ଖମାର୍, ବିନ୍‌କା, ନାରାୟଣ୍‌ପୁର୍ ଆର୍ ବୀର୍‌ମହାରାଜ୍‌ପୁର୍‌ଠାନେ ମସ୍‌ଜିଦ୍‌ମାନ୍‌କେ ମୁସଲ୍‌ମାନ୍ ସମ୍ପ୍ରଦାୟର୍ ଲୁକେ ନମାଜ୍ ପାଠ୍ କରିକରି ମହରମ୍ ପରବ୍ ପାଲନ୍ କରିଛନ୍ । ହେନ୍ତା ବୌଦ୍ଧ ଜିଲ୍ଲାର୍ ବୌଦ୍ଧ, ମନମୁଣ୍ଡା ବାଗିର୍ ଭିନ୍ ଭିନ୍ ଜାଗା ନ ପବିତ୍ର କୋରାନ୍ ଉପ୍‌ରେ ପ୍ରବଚନ୍

କାର୍ଯ୍ୟକ୍ରମ୍ କରାଯାଇଥିଲା । ଲୁକେ ନମାଜ୍ ପାଠ୍ କର୍ବାର୍ ଉତ୍ରୁ ନିଜର୍ ନିଜର୍ ଭିତ୍ରେ ଶୁଭେଚ୍ଛା ଦିଆନିଆ ହେଇଥିଲେ ।

କ୍ଷୁଦ୍ର ଚଳଚ୍ଚିତ୍ର- ଆନ୍ତର୍ଜାତୀୟ ପୁରସ୍କାର୍   ନୂଆପଡ଼ା ସମ୍ବାଦଦାତା

ମହିମା ଧର୍ମ ଧାରା ଉପ୍ରେ ତିଆର୍ କରାଯାଇଥିବା କ୍ଷୁଦ୍ର ଚଳଚ୍ଚିତ୍ର ଆନ୍ତର୍ଜାତିକ ସ୍ତର୍ ନ ପୁରସ୍କୃତ ହେଇଥିବା ଜନାପଡ଼ିଛେ । ତାମିଲ୍‌ନାଡୁର କୋଡ଼ାଇକେନାଲ୍ ଠାନେ ଇ ଚଳଚ୍ଚିତ୍ର ଉତ୍ସବ୍ ଅନୁଷ୍ଠିତ୍ ହେଇଥିଲା । ଦେବରଞ୍ଜନ୍‌ଙ୍କର୍ ଦ୍ୱାରା ପ୍ରସ୍ତୁତ୍ ଇ ସିନାମାଥି ଖଡ଼ିଆଲ୍, ତୁକ୍ଲା, ବଙ୍ଗୋମୁଣ୍ଡା ଆର୍ ଅନୁଗୁଲ୍ ବାଗିର୍ ଜାଗାର୍ ତଥ୍ୟ ରହିଛେ । ଶିକ୍ଷାବିତ୍ ଡକ୍ଟର୍ ଫଣିନ୍ଦମ୍ ଦେଓଙ୍କର୍ ନିବନ୍ଧ ଆଧାର୍‌ଥି ଇ ସିନାମା ତିଆର୍ କରାଯାଇଥିଲା ।

ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନ ଆଏଜ୍‌ଠାନୁ ଥାଇରଏଡ୍ ପରୀକ୍ଷା ସେବା ମୁଲ୍ ହେଇଛେ । ଇନ ହିତାଧିକାରୀମାନ୍‌କର୍ ମାହାଲିଆ ଥାଇରଏଡ୍ ପରୀକ୍ଷା ସହେତେ ରକ୍ତସିକୁଳି ରୋଗ୍ର ଭିଲ୍ ପରୀକ୍ଷା ସୁବିଧା

ରହିଛେ । ଇ ସ୍ୱାସ୍ଥ୍ୟ କେନ୍ଦ୍ର ଲାଗି ବିଶେଷ୍‌କରି ମହିଲାମାନ୍‌କୁ ସହାୟକ ହେବା ।

ରେଲ୍ ଡିଭିଜନ୍ - ବୃକ୍ଷରୋପଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣପୂର୍ବ ରେଲ୍‌ପଥର ସମ୍ବଲପୁର ଡିଭିଜନ୍‌ର ରେଲ୍‌ନଗର୍‌ଠାନେ ଗୁଟେ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍ କରାଯାଇଥିଲା । ଇଥି ରେଲ୍ ଡିଭିଜନ୍ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ଆଉ ରେଲ୍‌ବାଇ ମହିଲା କଲ୍ୟାଣ୍ ସଂଗଠନ୍‌ର କର୍ମକର୍ତାମାନେ ଭିନ୍ ଭିନ୍ କିସ୍‌ମର୍ ଗଛ୍ ଲଗେଇଥିଲେ ।

ବିଜ୍‌ଲି କାଟ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁରର୍ ଅଇଁଠାପାଲି ନ ଥିବାର୍ ୩୩ କେଭି ଫିଡ଼ର୍ ଲାଇନ୍‌ର ଦେଖ୍‌ରେଖ୍ କାମ୍ ଲାଗି ଆଏବା କାଏଲ୍ ସଖାଲର୍ ୮ ନୁ ଦୁଇପହରର୍ ୨ ବଜାତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା ବଲି ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇଥିର୍‌ଲାଗି ଅଇଁଠାପାଲି, ବଲ୍‌ବସ୍‌ପୁର୍, କାଇଁଶିର୍, ଭାଲୁପାଲି, ବୁଢ଼ାରଜା, ଫାଟକ୍, ଚେରୁଆପଡ଼ା, ବଡ଼ବଜାର୍, ବାଲିବନ୍ଧା,

ପଟ୍ଟନାୟକ୍‌ପଡ଼ା, ମୁଦିପଡ଼ା, ରେଲ୍‌ୱେକଲୋନୀ ଦୁର୍ଗାପାଲି, ରେମେଡ୍ ବରେଇପାଲି, କ୍ଷେତରାଜ୍‌ପୁର୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ଇ କଟ୍‌କନା ଜାରି ରହେବା ।

ଧନ୍ୱନ୍ତରି ଉଦ୍ୟାନ୍          ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲାର୍ ଗାଇସୀମା ଆୟୁର୍ବେଦ୍ ଚିକିତ୍ସାଲୟ ନ ଧନ୍ୱନ୍ତରୀ ଭେଷଜ ଉଦ୍ୟାନ୍‌ର ଲୋକାର୍ପଣ୍ କରାଯାଇଛେ । ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ଇ ଉଦ୍ୟାନ୍‌କେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଗୁଟେ ଫଳ ଉଦ୍ୟାନ୍ ଲାଗି ଭୂମି ପୂଜା କରିଛନ୍ । ୨ ଏକର୍ ଭେଷଜ ଉଦ୍ୟାନ୍‌ଥି ଔଷଧୀୟ ଗୁଣ ଥିବାର୍ ବହୁତ୍‌ଟେ ଦୁର୍ଲଭ କିସ୍‌ମର୍ ଚାରା ଲଗାଯାଇଛେ । ଡାକ୍ତର୍ ଅଜିତ୍ କୁମାର୍ ଦର୍ଜୀ ଆର୍ ଅଲ୍‌ଗା ସିଆନ୍‌ସୁଜନ୍‌ମାନେ ଇ କାର୍ଯ୍ୟକ୍ରମ୍‌ଥି ଉପସ୍ଥିତ୍ ଥିଲେ ।

ହାଉସ୍ ସର୍ଜନ୍ କାର୍ଯ୍ୟବନ୍ଦ ଆନ୍ଦୋଳନ          ଆର୍‌ଏନ୍‌ୟୁ/ କଟକ୍

କଟକ୍ ଶ୍ରୀରାମଚନ୍ଦ୍ର ଭଞ୍ଜ କଲେଜ୍ ଆର୍ ଡାକ୍ତର୍‌ଖାନା ନ ନର୍ସିଂ ଅଫିସର୍ ସଂଘ ଆର୍ ହାଉସ୍ ସର୍ଜନ୍ ସଂଘ ଭିତ୍‌ରେ ବିବାଦ୍

ବିଷେକେ ନେଇକରି ଆଏଜ୍ ହାଉସ୍ ସର୍ଜନମାନେ କାର୍ଯ୍ୟବନ୍ଦ୍ କରିଥିବାର୍ ଜନାପଡ଼ିଛେ । ହେଲେ ଡାକ୍ତର୍ଖାନା ନ ଜରୁରୀ ରୋଗୀସେବା ଜାରି ରହିଛେ । ଡାକ୍ତର୍ମାନ୍କର୍ କାର୍ଯ୍ୟବନ୍ଦ୍କେ ଜୁନିଅର୍ ଡାକ୍ତର୍ ସଂଘ ଆର୍ ଡାକ୍ତରୀ ଛାତ୍ରସଂଘ ତର୍ଫୁ ସମର୍ଥନ୍ କରାଯାଇଛେ ।

ସେଆଡ଼େ ନର୍ସିଂ ଅଫିସର୍ମାନ୍କୁ ଦୁର୍ବ୍ୟବହାର୍ କରିଥିବାର୍ ଅଭିଯୁକ୍ତ ମାନ୍କର୍ ଉପ୍ରେ କାର୍ଯ୍ୟାନୁଷ୍ଠାନ୍ ଦାବି କରିକରି ଆଏବାକାଏଲ୍ନୁ ସାରା ରାଜ୍ୟର୍ ନର୍ସିଂ ଅଫିସର୍ମାନେ କଲାବେଚ୍ ପିନ୍ଧ୍ବେ । ୩ ଦିନ୍ତକ୍ ପ୍ରତୀକ ପ୍ରତିବାଦ୍ ଉତ୍ରୁ ସମସ୍ୟାର୍ ସମାଧାନ୍ ନାଇଁ ହେଲେ ଆଏବା ୨୪ ତାରିଖ୍ନୁ ଶ୍ରୀରାମଚନ୍ଦ୍ର ଭଞ୍ଜ ନର୍ସିଂ ସଂଘ ତର୍ଫୁ କାର୍ଯ୍ୟବନ୍ଦ୍ କରାଯିବା ବଲି ଜନାପଡ଼ିଛେ ।

ପାଣିପାଗ ଆର୍ଏନ୍ୟୁ / ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍ ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ ଇହାଦେ ଦକ୍ଷିଣ ଛତିଶ୍ଗଡ଼୍ ଉପ୍ରେ ରହିଛେ । ଇ ଲଘୁଚାପ୍ର ବଲେ ଆଏଜ୍ଠାନୁ ବର୍ଷା ବଢ଼୍ବା । ଆଏବା ଶୁକ୍ରବାର୍ ପଶ୍ଚିମ କେନ୍ଦ୍ରୀୟ ଆର୍ ଆଖର୍ପାଖର୍ ଉତର୍ ପଶ୍ଚିମ ବଙ୍ଗୋପ୍ସାଗର୍ ନ ଆଉ ଗୁଟେ ଲଘୁଚାପ୍ ସୃଷ୍ଟି ହେବା । ଇ ଲଘୁଚାପ୍ର ବଲେ ବର୍ଷା ବଢ଼୍ବା ବଲି

ପାଣିପାଗ୍ ବିଭାଗ୍ ତରଫୁ ଅନୁମାନ୍ କରାଯାଇଛେ । ଆଏଜ୍ କଲାହାଣ୍ଡି, କନ୍ଧମାଲ୍ ସହେତେ ଦକ୍ଷିଣ ଓଡ଼ିଶାର୍ ଜିଲ୍ଲାମାନ୍‌କେ ଆର୍ ଆଏବା କାଏଲ୍ ରାଜ୍ୟର୍ ଦକ୍ଷିଣ ଆର୍ ଉତର୍ ଓଡ଼ିଶା ନ ବର୍ଷା ହେବାର୍ ଅନୁମାନ୍ କରାଯାଇଛେ । ହେନ୍ତା ୨୦ ତାରିଖ୍ ଦିନ କଲାହାଣ୍ଡି, ବଲାଙ୍ଗିର୍, କନ୍ଧମାଲ୍ ଆର୍ ନବରଙ୍ଗ୍‌ପୁର୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେବା ବଲି ବିଭାଗ୍ ଆକଲନ୍ କରିଛେ । ଇତାର୍‌ସହେତେ ଦକ୍ଷିଣ ଓଡ଼ିଶା ଆର୍ ନୂଆପଡ଼ା ଜିଲ୍ଲା ନ ଭିଲ୍ ବର୍ଷା ହେବା ବଲି ଅନୁମାନ୍ କରାଯାଇଛେ ।